# NATIONAL NEWS BULLETIN (ODIA)

## 17 April - 2025

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଯମୁନା ନଦୀର ପୁନରୁଦ୍ଧାର ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ।
- ସଶସ୍ତ୍ର ବାହିନୀର ତ୍ୟାଗ ଓ ସମର୍ପଣ ଯୋଗୁଁ ଦେଶ ସୁରକ୍ଷିତ ରହିଛି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ୨୦୨୯ ସୁଦ୍ଧା ପ୍ରତିରକ୍ଷା ଉପକରଣ ଉତ୍ପାଦନ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି, ପ୍ରତିରକ୍ଷା ମନ୍ତ୍ରୀଙ୍କ ସୂଚନା ।
- ଦେଶର ଅର୍ଥନୈତିକ ବିକାଶରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି, କହିଲେ ଅର୍ଥମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ମୁମ୍ବାଇ ଇଣ୍ଡିଆନ୍ସ ।

# ପିଏମ୍-ଯମୁନା

ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଯମୁନା ନଦୀର ସାମ୍ପ୍ରତିକ ସ୍ଥିତି ପୁନରୁଦ୍ଧାର ଏବଂ ଭବିଷ୍ୟତ ଯୋଜନା ଉପରେ ଏକ ବିସ୍ତୃତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ନଦୀକୁ ସଫେଇ କରିବା ପାଇଁ ସଂସ୍ଥା ଭିତ୍ତିକ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯାଇଥିଲା । ଡ୍ରେନ୍‌ରେ ଜଳ ପ୍ରବାହ ଠିକ୍ ଭାବରେ ହେଉଛି କି ନାହିଁ ତଥା ନର୍ଦ୍ଦମା ବିଶୋଧନ ପ୍ଲାଣ୍ଟ ଗୁଡ଼ିକରେ ଉପଲବ୍ଧ ଜ୍ଞାନକୌଶଳର ଉପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ବୈଠକରେ ଦିଲ୍ଲୀ ସାମଗ୍ରୀକ ଜଳ ପରିଚାଳନା ପାଇଁ ସହରାଞ୍ଚଳ ନଦୀ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ ସି.ଟି. ମାଷ୍ଟେର ପ୍ଲାନ୍ ସହ ଯୋଡ଼ିବା ପାଇଁ ନିଷ୍ପତ୍ତି ହୋଇଛି । ନଦୀ କୂଳରେ ଛଟ୍ ପୂଜା ପର୍ବ ପାଳନ କରିବା ସମୟରେ ଦିଲ୍ଲୀବାସୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ବ୍ୟବସ୍ଥା କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଭିପି-ସୁପ୍ରିମ୍‌କୋର୍ଟ

ଯେକୌଣସି ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଷ୍ଟ୍ରପତିଙ୍କୁ ସମୟସୀମା ଧାର୍ଯ୍ୟ କରିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ରାୟ ଉପରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଚିନ୍ତା ପ୍ରକଟ କରିଛନ୍ତି । ଗଣତାନ୍ତ୍ରିକ ଦେଶରେ ପ୍ରତ୍ୟେକ ବ୍ୟବସ୍ଥା ତାର ସୀମା ଏବଂ କ୍ଷମତା ଭିତରେ ରହି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀ ଠାରେ ଉପରାଷ୍ଟ୍ରପତି ଭବନରେ ରାଜ୍ୟସଭାର ଷଷ୍ଠ ବ୍ୟାଚ୍‌ର ଇଣ୍ଟର୍ଣ୍ଣସ୍‌ମାନଙ୍କୁ ସମ୍ବୋଧିତ କରି  ଶ୍ରୀ ଧନଖଡ଼ କହିଛନ୍ତି, କ୍ଷମତା ପ୍ରୟୋଗ କରିବା ସମୟରେ ସମ୍ବେଦନଶୀଳତା ଅବଲମ୍ବନ କରିବା ଉଚିତ୍ ।

ଯେତେବେଳେ ସରକାର ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଏ ସେତେବେଳେ ଏହା ସଂସଦ ପ୍ରତି ଉତ୍ତର ଦାୟି ହୋଇଥାଏ ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି, ବିଧାନସଭା, ନ୍ୟାୟପାଳିକା ଏବଂ କାର୍ଯ୍ୟ ନିର୍ବାହୀ  ଏହି ତିନୋଟି ଅନୁଷ୍ଠାନର  ବିକଶିତ ହେବାର ଆବଶ୍ୟକତା ଆସିଛି ।

# ଅମିତ ଶାହା-ବ୍ରହ୍ମକୁମାରୀ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସଶସ୍ତ୍ର ବାହିନୀର ତ୍ୟାଗ ଓ ସମର୍ପଣ ଯୋଗୁଁ ଦେଶ ସୁରକ୍ଷିତ ରହିଛି । ସିରୋହି ଜିଲ୍ଲାର ଆବୁ ରୋଡ୍ ସ୍ଥିତ ବ୍ରହ୍ମକୁମାରୀ ମୁଖ୍ୟାଳୟରେ ଆଜି ସୁରକ୍ଷା ବାହିନୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି  ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି, ବରଫାବୃତ୍ତ ଉପତ୍ୟକା ଏବଂ ଗରମ ମରୁଭୂମିରେ ଦେଶର ସୀମାକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷାବାହିନୀ ନିଜ ଜୀବନକୁ ଉତ୍ସର୍ଗ କରନ୍ତି । ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ବ୍ୟତୀତ ଆଭ୍ୟନ୍ତରୀଣ ନିରାପତ୍ତା ବଜାୟ ରଖିବାରେ ସବୁ ରାଜ୍ୟର ପୁଲିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି ।

ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଭାରତ ପ୍ରଥମେ ପ୍ରଦାନ କରିଥିଲା । ଯୋଗ ଓ ଆଧ୍ୟାତ୍ମିକତା ମାଧ୍ୟମରେ ମନ, ଶରୀର, ବୁଦ୍ଧି ଏବଂ ଆତ୍ମାକୁ ଏକାଠି କରି ପ୍ରଗତି ପଥରେ ଆଗେଇ ନେବାରେ ଭାରତର ପୁରୁଣା ପରମ୍ପରା ଏବେ ମଧ୍ୟ ଉଜ୍ଜୀବିତ ହୋଇ ରହିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜୁନ୍ ୨୧ରେ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ଯୋଗଦିବସ ପାଳନ କରାଯାଉଛି । ଆମର ବୈଦିକ ପରମ୍ପରା ଏବଂ ଯୋଗର ଐତିହ୍ୟକୁ ଏହା ମାଧ୍ୟମରେ ସମଗ୍ର ବିଶ୍ୱକୁ ସମର୍ପଣ କରାଯାଇଛି । ବିଶ୍ୱର କୋଟି କୋଟି ଲୋକ ଯୋଗ,

ଧ୍ୟାନ ଏବଂ ଆଧ୍ୟାତ୍ମିକତାରେ ସାମିଲ ହୋଇ ନିଜ ଜୀବନ ଶୈଳୀକୁ ଅଧିକ ଉନ୍ନତ କରିପାରିଛନ୍ତି ବୋଲି ସେ କହିଛନ୍ତି ।

## ରାଜନାଥ-ଡିଫେନ୍ସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ସରକାର ପ୍ରତିରକ୍ଷା ବଜେଟ୍‌ର ୭୫ ପ୍ରତିଶତ ଘରୋଇ କମ୍ପାନୀ ମାନଙ୍କଠାରୁ କିଣିବା ପାଇଁ ସଂରକ୍ଷିତ ରଖିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରତିରକ୍ଷା ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି, ଦେଶରେ ୨୦୧୪ରେ ପ୍ରତିରକ୍ଷା ଉତ୍ପାଦନ ୪୦ ହଜାର କୋଟି ଟଙ୍କା ଥିବା ବେଳେ ଆଜି ତାହା ୧ ଲକ୍ଷ ୨୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଆସନ୍ତା ୨୦୨୯ ସୁଦ୍ଧା ସରକାର ୩ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଉପକରଣ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରତିରକ୍ଷା କ୍ଷେତ୍ରର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ ସରକାରଙ୍କ ସବୁଠାରୁ ବଡ଼ ପ୍ରାଥମିକତା ବୋଲି ମନ୍ତ୍ରୀ କହିଛନ୍ତି । ଭାରତ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଏକ ପ୍ରତିରକ୍ଷା ଶିଳ୍ପ କମ୍ପ୍ଲେକ୍ସ ସୃଷ୍ଟି କରିବ ଯାହା କେବଳ

ଦେଶର ଆବଶ୍ୟକତା ପୂରଣ କରିବ ନାହିଁ ବରଂ ପ୍ରତିରକ୍ଷା ରପ୍ତାନୀର ସମ୍ଭାବନାକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ପ୍ରତିରକ୍ଷା ରପ୍ତାନୀ ସମ୍ପର୍କରେ ଶ୍ରୀ ସିଂହ କହିଛନ୍ତି, ୨୦୧୩-୧୪ରେ ଏହା ୬୮୬ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ରେ ଏହା ୨୩ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

## ଇନ୍‌କମ ଟ୍ୟାକ୍ସ ବିଲ୍ ମିଟିଂ

ନୂଆ ଆୟକର ବିଲ୍ ୨୦୨୫ ଉପରେ ଲୋକସଭାର ସିଲେକ୍ଟ କମିଟିର ବୈଠକ ସଂସଦ ଭବନରେ ହୋଇଛି । ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୩୧ ଜଣିଆ କମିଟି ଗଠନ କରାଯାଇଛି । ସଂସଦର ଆଗାମୀ ମୌସୁମୀ ଅଧିବେଶନର ପ୍ରଥମ ଦିନରେ କମିଟି ତା’ର ରିପୋର୍ଟ ଦାଖଲ କରିବ ।

ଆୟକର ବିଲ୍ ୨୦୨୫ର ଉଦ୍ଦେଶ୍ୟ ହେଉଛି ଆୟକର ସଂକ୍ରାନ୍ତ ଆଇନ୍‌କୁ ସୁଦୃଢ଼ ଓ ସଂଶୋଧନ କରିବା । ସଂସଦର ବଜେଟ୍ ଅଧିବେଶନର ପ୍ରଥମାର୍ଦ୍ଧରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରାଯାଇଥିଲା । ପରେ ଏହାକୁ ଲୋକସଭାର ସିଲେକ୍ଟ କମିଟିକୁ ପଠାଯାଇଥିଲା ।

# ମୁମ୍ବାଇ-ସୀତାରମଣ

ଭାରତର ଅର୍ଥନୈତିକ ବିକାଶରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଭୂମିକା ଏବଂ ଏହାର ବୈଷୟିକ ଉନ୍ନତିକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉଚ୍ଚ ପ୍ରଶଂସା କରିଛନ୍ତି । ଏସିଆର ସର୍ବପୁରାତନ ଷ୍ଟକ୍ ଏକ୍ସଚେଞ୍ଜ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ – ବି.ଏସ୍.ଇ.ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ଏକ ସମାରୋହକୁ ସମ୍ବୋଧନ କରି ଅର୍ଥମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ବି.ଏସ୍.ଇ. ଦୈନିକ ଦେଢ଼ ହଜାର କୋଟି ଟଙ୍କାର କାରବାର କରିଥାଏ, ଯାହା ଅତ୍ୟାଧୁନିକ ଜ୍ଞାନକୌଶଳର ନିରନ୍ତର ସମନ୍ୱୟକୁ ପ୍ରତିଫଳିତ କରୁଛି ।

ବଜେଟ୍‌ରେ ସମାବେଶି ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି । ଭାରତ ଦୀର୍ଘ ମିଆଁଦି ରଣନୈତିକ ପୁଞ୍ଜିନିବେଶ ସହିତ ଏ କ୍ଷେତ୍ରରେ ରହିଥିବା ବୈଶ୍ୱିକ ଆହ୍ୱାନ ଗୁଡ଼ିକର ସମାଧାନ ଦିଗରେ ସଫଳତା ହାସଲ କରୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ବି.ଏସ୍.ଇ.ର ବଜାର ପୁଞ୍ଜି ୪୦୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଏହା ବିଶ୍ୱର ଶ୍ରେଷ୍ଠ ଷ୍ଟକ୍ ଏକ୍ସଚେଞ୍ଜରେ ପରିଣତ ହୋଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

ଭାରତର ପୁଞ୍ଜିବଜାରରେ ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଉପରେ ଏହା ଆଲୋକପାତ କରୁଛି । ଏହି ଅବସରରେ ଶ୍ରୀମତୀ ସୀତାରମଣ ବଜାର

ପୁଞ୍ଜିକରଣ ଆଧାରରେ ଶୀର୍ଷ ତାଲିକାଭୁକ୍ତ ୧୫୦ଟି କମ୍ପାନୀର ପ୍ରଦର୍ଶନ ଉପରେ ନଜର ରଖିବା ସଂକ୍ରାନ୍ତ ଏକ ନୂତନ ମାନକ ଇଣ୍ଡେକ୍ସକୁ ଶୁଭାରମ୍ଭ କରିଛନ୍ତି । ଏହା ମାଧ୍ୟମରେ ନିବେଶକଙ୍କୁ ଭାରତର ଦ୍ରୁତ ବିକଶିତ ଇକ୍ୟୁଟି ସମ୍ପର୍କରେ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଯୋଗଦେଇ ଦେଶର ବି.ଏସ୍.ଇ. ଲକ୍ଷ ଲକ୍ଷ ଲୋକଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରିବା ସହ ଦେଶରେ ପୁଞ୍ଜିନିବେଶର ବାଟ ଉନ୍ମୁକ୍ତ କରିଛି । ଅର୍ଥନୈତିକ ଅଭିବୃଦ୍ଧିର ଗତି ବଜାୟ ରଖିବାରେ ସରକାରଙ୍କ ବ୍ୟବସାୟ ଅନୁକୂଳ ନୀତି ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି ।

## ସୁପ୍ରିମ୍‌କୋର୍ଟ୍‌-ଓ୍ୱାକଫ୍‌

ସୁପ୍ରିମ୍‌କୋର୍ଟ୍ ଓ୍ୱାକଫ୍ ସଂଶୋଧନ ଆଇନ୍‌୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ପିଟିସନ୍‌ର ଆଜି ପୁଣିଥରେ ଶୁଣାଣି କରିଛନ୍ତି । ଶୁଣାଣି ସମୟରେ ସଲିସିଟର୍ ଜେନେରାଲ୍ କେନ୍ଦ୍ର ସରକାର ୭ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ସମୟ ମାଗିଛନ୍ତି । ଓ୍ୱାକଫ୍ ଆଇନ୍‌ର ଧାରା ୯ ଏବଂ ୧୪ ଅନୁଯାୟୀ କେନ୍ଦ୍ରୀୟ ଓ୍ୱାକଫ୍ ପରିଷଦ କିମ୍ବା ରାଜ୍ୟ ଓ୍ୱାକଫ୍ ବୋର୍ଡ୍‌ରେ କୌଣସି ନିଯୁକ୍ତି ଦିଆଯିବ ନାହିଁ ବୋଲି ସେ

କୋର୍ଟ୍‌କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ବ୍ୟତୀତ ପରବର୍ତ୍ତି ଶୁଣାଣି ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରିଆରେ ପଞ୍ଜିକୃତ କିମ୍ବା ୱାକଫ୍ ଭାବେ ଘୋଷଣା କରାଯାଇଥିବା ସମ୍ପତ୍ତି ସମେତ କୌଣସି ୱାକଫ୍ ସମ୍ପତ୍ତିକୁ ବ୍ୟାଜାପ୍ତ କରାଯିବ ନାହିଁ ବୋଲି ସେ କୋର୍ଟ୍‌କୁ ପ୍ରତିଶ୍ରୁତି ଦେଇଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଂଜୟ କୁମାର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ତିନି ଜଣିଆ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଆଜି ହୋଇଛି ।

## ଡବ୍ଲ୍ୟୁବି-ମୁର୍ସିଦାବାଦ୍

ୱାକଫ୍ ସଂଶୋଧନ ଆଇନ୍‌କୁ ବିରୋଧ କରି ପଶ୍ଚିମବଙ୍ଗରେ ଘଟିଥିବା ହିଂସାତ୍ମକ ଘଟଣା ନେଇ ବିଜେପି ରାଜ୍ୟଶାଖା ସଭାପତି ତଥା କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଆଜି ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ବୋଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରଭାବିତ ଅଞ୍ଚଳର କିଛି ଲୋକ ମଧ୍ୟ ତାଙ୍କ ସହିତ ରାଜଭବନକୁ ଯାଇଥିଲେ । ହିଂସା ପ୍ରବଣ ଅଞ୍ଚଳରେ ସୀମା ସୁରକ୍ଷା ବାହିନୀକୁ ମୁତୟନ କରିବାକୁ ସେ ତାଙ୍କର ସ୍ମାରକପତ୍ରରେ ଦାବି କରିଛନ୍ତି । ଗତ ୧୧ ଏବଂ ୧୨ ତାରିଖରେ ମୁର୍ସିଦାବାଦ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା

ହିଂସାତ୍ମକ ଘଟଣାରେ ସୀମା ସୁରକ୍ଷା ବାହିନୀ ପକ୍ଷରୁ ସିବିର ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା । ପ୍ରତ୍ୟେକ କ୍ଷତିଗ୍ରସ୍ତ ପରିବାରର ସଦସ୍ୟଙ୍କୁ ସ୍ଥାୟୀ ରାଜ୍ୟ ସରକାରୀ ଚାକିରି ଦେବାକୁ ସେ ଦାବି କରିଛନ୍ତି । କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ ଏବଂ ଦୋକାନ ଗୁଡ଼ିକର ପୁନଃ ନିର୍ମାଣ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଅନ୍ୟ ପକ୍ଷରେ ରାଜ୍ୟପାଳ ଡକ୍ଟର ବୋଷ ମୁର୍ସିଦାବାଦ୍‌ର ପ୍ରଭାବିତ ଅଞ୍ଚଳ ଆସନ୍ତାକାଲି ଗସ୍ତରେ ଯିବେ ବୋଲି ଜଣାପଡ଼ିଛି ।

## ହେରିଟେଜ୍ ଡେ-ଏଏସ୍ଆଇ

ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଆସନ୍ତାକାଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ. ଦେଶର ସମସ୍ତ ଏ.ଏସ୍.ଆଇ. ସଂରକ୍ଷିତ ସ୍ମାରକୀରେ ପ୍ରବେଶ ଶୁଳ୍କ ଛାଡ଼ ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଏ.ଏସ୍.ଆଇ.ର ଏହି ପଦକ୍ଷେପ ପର୍ଯ୍ୟଟକଙ୍କୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ସୁଯୋଗ ପ୍ରଦାନ କରିବ । ୩ ହଜାରରୁ ଅଧିକ ସ୍ମାରକୀ ଏବଂ ଐତିହ୍ୟ ସ୍ଥଳୀକୁ ଏ.ଏସ୍.ଆଇ. ସୁରକ୍ଷା ଅଧୀନରେ ରଖାଯାଇଛି । ଦେଶର ଐତିହାସିକ

ପରମ୍ପରା ଏବଂ ସ୍ଥାପତ୍ୟ ସହିତ ଯୋଡ଼ି ହେବାକୁ ଏ.ଏସ୍.ଆଇ. ସୁଯୋଗ ପ୍ରଦାନ କରୁଛି । ଆସନ୍ତାକାଲି ପାଳିତ ହେବାକୁ ଥିବା ବିଶ୍ୱ ଐତିହ୍ୟ ଦିବସର ବିଷୟବସ୍ତୁ ରହିଛି, 'ବିପର୍ଯ୍ୟୟ ଓ ସଂଘର୍ଷର ବିପଦରେ ଥିବା ଐତିହ୍ୟ' ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇ ଇଣ୍ଡିଆ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭର୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା ।